ଚନ୍ଦ୍ରଚାଳକା

ଶ୍ରୀ ଯୁଧିଷ୍ଠିର ପଣ୍ଡାଙ୍କ ରଚିତ

ସ୍ୱତ୍ୱ କୀତ ହୋଇ

ଶ୍ରୀ ଚନ୍ଦ୍ରମଣି ନାୟକଙ୍କ ଦ୍ୱାରା

ପ୍ରାପ୍ତିସ୍ଥାନ :—

ମହାଲକ୍ଷ୍ମୀ ଭଣ୍ଡାର

ନ ୩, ପ୍ରେମଚନ୍ଦ ବରାଲ ଷ୍ଟ୍ରୀଟ,

ବଡ଼ବଜାର—କଲିକତା ।

ସର୍ବସ୍ୱତ୍ୱ ସୁରକ୍ଷିତ ସୁଲଭ ମୂଲ୍ୟ ୮ ° / ମାତ୍ର ।

Digitized by srujanika@gmail.com

ଚନ୍ଦ୍ରଚାଳକ

ପ୍ରଥମ ଛାନ୍ଦ

(ଚନ୍ଦ୍ରକଳା ବର୍ଣ୍ଣନ)

(କହେ ସୁଧା ବମ୍ବାଧର—ବୃତ୍ତେ)

ଅପର୍ଣ୍ଣା ପ୍ରଣତ ହୁଅ, ଅଜ୍ଞାନ୍ଧ-ଭଞ୍ଜନୀ ମୁହିଁ ତୋ ପୁଅ ଗୋ ।
ଅଘ-ନାଶିନୀ ହୁଅ ସଦୟ, ଜନନୀ ଗୋ । ୧ ।
ତୋ ପଦ-ପଙ୍କଜେ ରତ, ଦେବାପାଇଁ ଯାନ ନୁହେ ସମର୍ଥ ଗୋ ।
ଦୟା ଯାଚଇ ଅଦମାତ, ଜନନୀ ଗୋ । ୨ ।
ଅନୁରାଗୀଙ୍କର ହିତେ, ତୋ କୃପାବଳରେ ଲେଖୁଅଛି ଏତେ ଗୋ ।
ଭାବ ଚନ୍ଦ୍ର ଗୁଳକ ସୂଚତେ, ଜନନୀ ଗୋ । ୩ ।
ଶୁଣି ବୁଧେ ହେବେ ବୋଧ, ବଧୂରେ ମୂର୍ଖ ଲଭିବେ ଶଷାଦ ଗୋ ।
ଯେଣୁ ନ ପାଇବେ ଏଥୁଁ ଭେଦ, ସୁଜନେ ହେ । ୪ ।
କେବଣ ନାଗରୀ ଧନେ, ମଧୁରେ କହଇ ସ୍ୱାମୀର କାନେ ହେ ।
ପ୍ରାଣନାଥ କୁହ ଶଙ୍କାମନେ, ନାଗର ହେ । ୫ ।
ଚନ୍ଦ୍ରମା ସ୍ତ୍ରୀର ଅଙ୍ଗରେ, କେଉଁ ଠାଏରେ କାହିଁ ବାସରରେ ହେ ।
ବାରେ ଶୁଣିବ ଶଙ୍କା ତିଥିରେ, ନାଗର ହେ । ୬ ।
ନାଗରବର କହଇ, ପ୍ରଶ୍ନକୁ ଉତ୍ତର ଦେଉଛି ସହୁ ଗୋ ।
ଶରୀରରେ ସିନା ଚନ୍ଦ୍ର ଥାଇ, ନାଗରୀ ଗୋ । ୭ ।
ପ୍ରତିପଦେ ନିଶାକର, ବୃଦ୍ଧ ଅଙ୍ଗୁଳିରେ କରଇ ଘର ଗୋ ।
ପାଦେ ଥାଏ ଦ୍ୱିତୀୟା ଦିବର, ନାଗରୀ ଗୋ । ୮ ।

Digitized by srujanika@gmail.com

ତୃତୀୟେ ଗୁଳ୍ଫରେ ବାସ, ଚତୁର୍ଥୀରେ ଯାନୁପାଶେ ପ୍ରକାଶ ଗୋ ।
ପଞ୍ଚମୀରେ ନିବାବନ୍ଧ ପାଶ, ନାଗସ୍ତ୍ରୀ ଗୋ । ୯ ।
ଷଷ୍ଠୀରେ ନାଭିମଣ୍ଡଳେ, ସପ୍ତମୀରେ ଚନ୍ଦ୍ର ହୃଦୟେ ମିଳେ ଗୋ ।
ଅଷ୍ଟମୀରେ ରହେ ବକ୍ଷସ୍ଥଳେ, ନାଗସ୍ତ୍ରୀ ଗୋ । ୧୦ ।
ନବମୀରେ ପୟୋଧରେ, ଦଶମୀରେ ରହେ ଗଣ୍ଡଯୁଗରେ ଗୋ ।
ଥାଇ ଏକାଦଶୀରେ ଅଧରେ, ନାଗସ୍ତ୍ରୀ ଗୋ । ୧୧ ।
ନୟନରେ ଦ୍ୱାଦଶୀରେ, ଶ୍ରବଣରେ ଥାଏ ତ୍ରୟୋଦଶୀରେ ଗୋ ।
ଚତୁର୍ଦ୍ଦଶୀ ଭୋଗ ନାସିକାରେ ନାଗସ୍ତ୍ରୀ ଗୋ । ୧୨ ।
ପୂର୍ଣ୍ଣମୀରେ ରହେ ଶିରେ, ମନେ ରଖ ସଖି ଶୁଣି କର୍ଣ୍ଣରେ ଗୋ ।
ପୁଣି କୃଷ୍ଣ ପକ୍ଷେ ଯେ ପ୍ରକାରେ, ନାଗସ୍ତ୍ରୀ ଗୋ । ୧୩ ।
କୃଷ୍ଣ ପକ୍ଷ କଥା ଶୁଣ, ପ୍ରତିପଦେ ତାଳୁକା ପରେ ଗ୍ରହଣ ଗୋ ।
ଦ୍ୱିତୀୟାରେ ଗଳଦେଶେ ଜାଣ, ନାଗସ୍ତ୍ରୀ ଗୋ । ୧୪ ।
ତୃତୀୟାରେ କଣ୍ଠଦେଶ, ଚତୁର୍ଥୀରେ କଟିକି ପ୍ରବେଶ ଗୋ ।
ପଞ୍ଚମୀକି ଯାନ୍ ପାଶେ ଦୃଶ୍ୟ, ନାଗସ୍ତ୍ରୀ ଗୋ । ୧୫ ।
ଷଷ୍ଠୀରେ ସ୍ତନଯୁଗରେ, ସପ୍ତମୀକି ଦେଖା ନାଭିଭାଗରେ ଗୋ ।
ଅଷ୍ଟମୀରେ ରହେ ନିତମ୍ବରେ, ନାଗସ୍ତ୍ରୀ ଗୋ । ୧୬ ।
ନବମୀକି ବାହୁ ଦେଶେ, ଦଶମୀରେ ଜଙ୍ଘେ ଉଦେ ସଘନେ ଗୋ ।
ଏକାଦଶୀରେ ପାୟୁନ୍ ସ୍ଥାନେ, ନାଗସ୍ତ୍ରୀ ଗୋ । ୧୭ ।
ପାଦଗଣ୍ଠି ଦ୍ୱାଦଶୀରେ, ନଖେ ପ୍ରକାଶଇ ତ୍ରୟୋଦଶୀରେ ଗୋ ।
କରାଙ୍ଗୁଳରେ ଚତୁର୍ଦ୍ଦଶୀରେ, ନାଗସ୍ତ୍ରୀ ଗୋ । ୧୮ ।
ଅମାବାସ୍ୟା ନିଶୀଥରେ, ଗୋଇଠି ପାଶରେ ସେ ବାସ କରେ ଗୋ ।
ଏ ପ୍ରମାଣେ ବରଷେ ଗତରେ; ନାଗସ୍ତ୍ରୀ ଗୋ । ୧୯ ।
କହେ ଦ୍ୱିଜ ଯୁଧିଷ୍ଠିର, ଶେଷ କର ନୋହେ ପିରତି ଗୀର ଗୋ ।
ତେଣୁ ଟିକେ କରୁଛି ପ୍ରଚ୍ଚର, ସୁଜନେ ଗୋ । ୨୦ ।

Digitized by srujanika@gmail.com

ଦ୍ୱିତୀୟ ଛାନ୍ଦ

(ପୁରୁଷଙ୍କ ଲକ୍ଷଣ)

(କଳାକଳେବର କହ୍ନାଇ ସଙ୍ଗେ ଗୋପ୍ପଣୀ ସ୍ୱତ—ବୃତ୍ତେ)

ଏଥୁଁ ଅନ୍ତେ ଶୁଣ ପୁରୁଷ ଅଦ୍ଧେ ବହୁଷ ଜନେ,
କାମ ସାଗରେ ପଡ଼ି ନାରୀ ପସ୍ତରଇ ସଘନେ ।୧।
ବୁଝାଇ କହନ୍ତୁ ପ୍ରାଣେଶ ପୁରୁଷଙ୍କ ଲକ୍ଷଣ,
କେତେ ଜାତି ଛନ୍ତି ପୁରୁଷ କେଉଁ ଗୁଣ ସେମାନ ।୨।
କେଉଁ ପୁରୁଷକୁ କେମନ୍ତେ ଚିହ୍ନ କୁହ କପଟ,
କି ଲକ୍ଷଣ କେଉଁ ପୁରୁଷ ଥାନ୍ତି ହୃଦରେ ଧର ।୩।
ତୁମ୍ଭ ମୁଖୁ ଏହା ଶୁଣିଣ ହୋଇବି ମୁଁ କୃତାର୍ଥ,
ଏ ଛାର ଜୀବନ ଗୋଟାକୁ କରିବ ଚରିତାର୍ଥ ।୪।
ତୁମ୍ଭେ ଅଟ କଳ୍ପଦ୍ରୁମ ଯେ ମୁଁ ଆଶ୍ରୟ ଲତିକା,
କପଟ ନ କର ବୁଝାଇ ଦେବ ପରାଣସଖା ।୫।
ଶୁଣିଣ ନାଗର କହଇ ଶୁଣ ପ୍ରାଣପିତଣି,
ଯେତେ ପୁରୁଷଙ୍କ ଲକ୍ଷଣ ତୋତେ କହିବା ପୁଣି ।୬।
ଚାରିଜାତି ହୋଇ ପୁରୁଷ ଏ ସଂସାରେ ଅଛନ୍ତି,
ନାରୀ ଚାରି ଜାତି ତାହାଙ୍କୁ ଗଢ଼ିଛନ୍ତି ପ୍ରଜାପତି ।୭।
ପୁରୁଷ ଜାତିଙ୍କ ନାମ ଗୋ ଏବେ କହିବା ଶୁଣ,
ଶଶକ ମୃଗ ବୃଷ ଅଶ୍ୱ ଜାଣ ଏ ଚାରି ନାମ ।୮।
ପ୍ରଥମରେ ଶୁଣ ଶଶକ ଜାତି ପୁରୁଷ କଥା,
କବକୁ ଛାର ନ ଛାଡ଼ନ୍ତି ମହାଲକ୍ଷ୍ମୀ ସର୍ବଥା ।୯।
ସୁଜ୍ଞାନୀ ସୁଭୋଗୀ ସୁଦାତା ସେହୁ ସୁସତ୍ୟବନ୍ତ,
ସୁବୁଦ୍ଧି ଯେ ସୁସାଧୁଶୀଳ ଦୟାଳୁ ସୁପଣ୍ଡିତ ।୧୦।
ସକଳ ଅତ୍ମାରେ ସର୍ବଦା ସମଦରଶୀ ଅଟେ,
ଅପଣାର ଅତ୍ମା ପରାୟେ ଚହ୍ନଇ ସର୍ବ ଘଟେ ।୧୧।

Digitized by srujanika@gmail.com

ବହିଣ ଲକ୍ଷଣ ସମ୍ପୂର୍ଣ୍ଣ ତା ଅଙ୍ଗେ ବସନ୍ତଇ,
ପଦ୍ମିନୀ ନାମ୍ନ ସଙ୍ଗତରେ ସର୍ବଦା ଲାଳସଇ । ୧୨ ।
ଲିଙ୍ଗଚକ୍ର ମାପ ତାହାର ଅଟଇ ଷଡ଼ାଙ୍ଗୁଳ,
ଏମନ୍ତେ ଶଶକ ପୁରୁଷ ଶାସ୍ତ୍ର ପ୍ରମାଣେ ଠୁଳ । ୧୩ ।
ପୁଣି କହିବା ମୃଗ ଜାତି ପୁଂସର ଯେ ବିଧାନ,
ଚିତ୍ରିଣୀ ନାମ୍ନ ଙ୍କରେ ଭୋଗ ସଖି ଶୁଣ ବଦନ ।୧୪।
ଅତ୍ୟନ୍ତ ସୁନ୍ଦର ଶରୀର ସୁଘଟନ ଗଠନ,
ପଣ୍ଡିତଲ୍ଲ ଯେବେ ସଜନୀ ଶୁଣ ତା ଗୁଣମାନ ।୧୫।
ଧର୍ମରେ ମାନସ ତାହାର ଥାଏ ଅନୁବ୍ରତରେ,
ପରମାର୍ଥ ଚିତ୍ତ ତାହାର ଗମଇ ତୀର୍ଥବ୍ରତେ ।୧୬।
କୋମଳ ମଧୁର ଭାଷୀ ସେ ସଦା ଶୁଦ୍ଧ ତା ଅଙ୍ଗ,
ଅଷ୍ଟାଙ୍ଗୁଳ ମାପ ପ୍ରମାଣ ଅଟେ ତାହାର ଲିଙ୍ଗ । ୧୭।
ଶୁଣ ଅଗୋ ପ୍ରାଣସଜନୀ ହୋଇଣ ଏକମନ,
ବୃଷ ପୁରୁଷର ଯେମନ୍ତ ଚିହ୍ନ ବର୍ଣ୍ଣ ଲକ୍ଷଣ । ୧୮ ।
ଶଙ୍ଖିନୀ ଜାତୀୟା ସ୍ତ୍ରୀଙ୍କ ଭୋଗ କରଇ ସେହୁ,
ରସରେ ରସିକ ବିତର୍କ ତର୍କ ବହୁ ଜାଣଇ । ୧୯ ।
ଛତିଶ ରାଗରାଗିଣୀରେ ଗୀତ ଜାଣେ ସେ ଗାଇ,
ବାରଙ୍ଗନା ମନ ମୋହାଏ ନାନା ବାଦ୍ୟ ବଜାଇ ।୨୦।
ପଶା ଜୁଆ ଅାଦି ଖେଳରେ ମାତେ ନାନାରଙ୍ଗରେ,
ଚିତ୍ତ ବିଭ୍ରମରେ ବସଇ ଗଣିକାଙ୍କ ସଙ୍ଗରେ । ୨୧ ।
ପୁରୁଷମାନଙ୍କ ମଧ୍ୟରେ କାମେ ଦ୍ୱିଗୁଣ ହୋଇ,
ଦଶ ଅଙ୍ଗୁଳି ଲିଙ୍ଗ ତାର ଜାଣ ପରଣସହି । ୨୨ ।
ଅଶ୍ୱ ଜାତି ପୁଂସ ଲକ୍ଷଣ ସଖି କହିବା ଶୁଣ,
ପାଷାଣ୍ଡ ପାଷାଣ-ହୃଦୟ ତାର ଅଟଇ ଜାଣ । ୨୩ ।

Digitized by srujanika@gmail.com

ମାୟା ଛନ୍ଦ କୂଟ କପଟ ସେ ବହୁତ ଜାଣଇ,
ଅତ୍ୟାଗୃସ୍ତ ସଦାସର୍ବଦା ଗୁରୁଜନେ ନିନ୍ଦଇ । ୨୪ ।
ହସ୍ତିନୀ ନାରୀ ସଙ୍ଗତରେ ରସେ କରଇ ଭୋଗ,
ଦ୍ୱାଦଶାଙ୍ଗୁଳ ପରମାଣ ଅଟେ ତାହାର ଲିଙ୍ଗ । ୨୫ ।
ବୃଷଜାତ ପୁଂସ ଲକ୍ଷଣ ଠିକେ କହିଲି ସତ୍ୟ,
ନାରୀ ବୃଷଜାତ ଲକ୍ଷଣ ପୁଣ ଦେବା ବୁଝାଇ । ୨୬ ।
ଅନୁରାଗେ ଅରେ କହିଲି ଅନୁରାଗୀଙ୍କ ପାଣ୍ଡି,
ଲାଗି ଶାରଦା ପାଦେ ଲେଖେ ମାଗିକିଅ ଯୁଧିଷ୍ଠି । ୨୭ ।

ତୃତୀୟ ଛାନ୍ଦ

(ସ୍ତ୍ରୀ ଲକ୍ଷଣ)

(ବୋଲଇ ମାୟାଧିବର ଶୁଣ ଯୁବତୀ—ବୃତ୍ତେ)

ଏବେ ଶୁଣ ସଖି ସ୍ତ୍ରିୟ ଜାତ କାହାଣି,
ପଦ୍ମିନୀ ଚିତ୍ରିଣୀ ଯେ ଶଙ୍ଖିନୀ ହସ୍ତିନୀ । ୧ ।
ପଦ୍ମିନୀ ଅଙ୍ଗ ବାସଇ କମଳ ପୁଷ୍ପ,
ଚିତ୍ରିଣୀ ନାରୀର ଦେହ କର୍ପୂର ବାସ । ୨ ।
ଅଇଁଶିଅ ଗନ୍ଧ ଶଙ୍ଖିନୀର ହୁଅଇ,
ହସ୍ତିନୀର ମଇଁଷିଅ ଅମୋଦ ସହୁ । ୩ ।
ଯେଉଁ ପର ଗନ୍ଧ ସାର ଶୁଣିଲ କଥା,
ଅବର କହିବା ଚୃଲଚଳଣ ଗାଥା । ୪ ।
ପଦ୍ମିନୀର ହଂସଗତି ସୁନ୍ଦର ଅଭ୍ରା,
ଚିତ୍ରିଣୀ ଗଜଗତିରେ ଯେହ୍ନେ ମଧବା । ୫ ।
ଶଙ୍ଖିନୀର ଦମଦମ ଶୁଭଇ ଚୃଲ,
ହସ୍ତିନୀ ଚୃଲଲେ ଚିଣ୍ଡି ଫୁଟଇ ଖାଲ । ୬ ।

Digitized by srujanika@gmail.com

କ୍ରୋଧ ହୋଇଲେ ପଦ୍ମିନୀ ହୁଅଇ କ୍ଷଣେ,
ଶାନ୍ତ ହୋଇ ରହେ ଶାସ୍ତ୍ର ପୁରାଣ ଭଣେ । ୭ ।
ଚିତ୍ରିଣୀର ଏକଘଡ଼ି କ୍ରୋଧ ବିଶେଷ,
ପୁଣି ତାର ହସ ମୁଖ ପ ଣି ସଦୃଶ । ୮ ।
ଶଙ୍ଖିନୀ ପଦର ଦିନ ଶେଷ କରଇ,
ମାନ ଅଭିମାନ ବନ୍ଧୁ କାନ୍ଦେ ସକାଇ । ୯ ।
ହସ୍ତିନୀ ସତର ଦିନ କରଇ ମାନ,
ଶାନ୍ତ କରିବାକୁ କେହୁ ନୁହନ୍ତ କ୍ଷମ । ୧୦ ।
ମନକୁ ହୋଇଲେ ଶାନ୍ତ ପିକ ଯେସନେ,
କହଇ ମଧୁରବାଣୀ ହସ୍ତିନୀ ତେବେ । ୧୧ ।
ଅବର କହିବା କଥା ସଜନୀ ହେଜ,
ଶ୍ରୀସିଦ୍ଧ ଶାରଦା ସେବ ଭଣଇ ଯୁକ୍ତ । ୧୨ ।

ଚତୁର୍ଥ ଛାନ୍ଦ

(କେମାଦେଈ—ରାଗରେ)

ଏଥୁଅନ୍ତେ ବୁଝେ ଶୁଣ, ସ୍ତ୍ରିୟଙ୍କ ବାଣୀ ଲକ୍ଷଣ,
ବୁଝାଇ ଦେଉଛୁ ଠିକେ, ମନଭଲୁକେ ଯେ । ୧ ।
ପଦ୍ମିନୀ ଭାଷିଲେ ବାକ୍ୟ, ଯେସନେ ରାବଇ ପିକ,
ଦର୍ପଣରୁ ବଳି ମୁଖ ଦିଶେ ପ୍ରତ୍ୟକ୍ଷ ଯେ । ୨ ।
ଅଳ୍ପ ଆହାରେ ସନ୍ତୋଷ, ହରଷ ମୁଖେ ବିଶେଷ,
ଶୁଭାଙ୍ଗୀ ରାମା ସୁଶୀଳା, ପଦ୍ମିନୀ ବାଳା ଯେ । ୩ ।
ଚିତ୍ରିଣୀ ନାରୀର ଗୁଣ, କହୁଅଛୁ ଏବେ ଶୁଣ,
ପ୍ରାତଃକାଳୁ ଉଠେ ସେହୁ, ହରି ଭଜଇ ଯେ । ୪ ।
ବିକଚ ପଦ୍ମବଦନୀ, କୁରଙ୍ଗୀ ଶିଶୁନୟନୀ,
ଶରୀର ଗଉର ବର୍ଣ୍ଣ, ଗଜଗମନ ଯେ । ୫ ।

Digitized by srujanika@gmail.com

ମାନସେ କୁଟିଳା ସେହି, କଠିନ କୁଚ ଦୁଇଟି,
ହେଉଥାଇ ନିତ୍ତ ସଙ୍ଗ, ନାଗସ୍ତ୍ରୀ ରଙ୍ଗ ଯେ । ୬ ।
ଚିତ୍ରିଣୀ ଲକ୍ଷଣ ସେହୁ, ବୁଝାଇ କହିଲ ସହୁ,
ଏବେ ଅନ କଥା ଶୁଣ, ଶଙ୍ଖିନୀ ଗୁଣ ଯେ । ୭ ।
ଦମ ଦମ ଗୁଲ ତାର, ଉଚ୍ଚ ବକ୍ଷ ଖଣ୍ଡାଧାର,
ଯୁବା ପୁରୁଷଙ୍କୁ ଦେଖି, ଠାରଇ ଅକ୍ଷି ଯେ । ୮ ।
ସୁଖେ ଉତ୍ତମ ପୀରତ, କରିବାକୁ ତାର ମତ,
ପୃଷ୍ଟ ବେନି କୁଚ ତାର, ମର୍ଦ୍ଦନେ ସାର ଯେ । ୯ ।
ବଣା ହେଲେ ରତିରସ, ତା ମନ ହୁଏ ବିରସ
ପ୍ରୀତି ହେଲେ ବହୁ ତାର, ପ୍ରଫୁଲ୍ଲାନ୍ତର ଯେ । ୧୦ ।
ହସ୍ତିନୀର ଗୁଣ ଶୁଣ, ଠିକେ କରୁଛୁ ବଖାଣ,
କାକପ୍ରେପ୍ସୁ ଗତି ତାର, ରସିକାବର ଯେ । ୧୧ ।
ଯୁବା ପୁରୁଷଙ୍କୁ ବଳେ, ଗୃହେଁ ଦେଇ ସେ ଛଟକେ,
ମନକୁ ନିଅଇ କିଣି, ଚତୁସ୍ରମଣି ଯେ । ୧୨ ।
ପିଙ୍ଗଳ ବର୍ଣ୍ଣ ତା କେଶ, ଦେହେଁ ଲୋମ ହୁଏ ଦୃଶ୍ୟ
ଦୀର୍ଘ ପୁରୁଷଙ୍କୁ ଗୃହେଁ, ଉନ୍ମତ ହୋଇ ଯେ । ୧୩ ।
ହେଲେ ବହୁତ ଭୋଜନ, ଶାନ୍ତ ଥାଏ ତାର ମନ,
ପୃଥୁଳ ଉଚ୍ଚ କପାଳୀ, ବକ୍ରତ ବାଳୀ ଯେ । ୧୪ ।
ଶାସ୍ତ୍ର ପୁରାଣର ବାଣୀ, ସୁଜନ ହୁତେ ବଖାଣି,
ଦ୍ୱିଜ ଯୁଧିଷ୍ଠିର ଭଣି, ପ୍ରୀତି କାହାଣି ଯେ । ୧୫ ।

ପଞ୍ଚମ ଛାନ୍ଦ

(ବନ୍ଧ ସତର ଦିନ ଶନିବାର—ବୃତ୍ତେ)

ଏଥୁ ଅନ୍ତେ ସୁଜନେ ଶୁଣ ରସ,
ଯେଉଁ ତଥ୍ୟର ଯେତେ ନାସ୍ତି ବଂଶ । ୧ ।

Digitized by srujanika@gmail.com

ଦ୍ୱିତୀୟା ଚତୁର୍ଦ୍ଦଶୀ ପଞ୍ଚମୀରେ,
ବଶ ହୁଅଇ ପଦ୍ମିନୀ ପ୍ରେମରେ । ୨ ।
ଷଷ୍ଠି ଦ୍ୱାଦଶୀ ପୁଣି ଚତୁର୍ଥୀରେ,
ବଶ ହୁଏ ଚିତ୍ରିଣୀ ଏ ତିଥିରେ । ୩ ।
ଏକାଦଶୀ ସପ୍ତମୀ ତ୍ରୟୋଦଶୀ,
ପ୍ରତିପଦରେ ଶଙ୍ଖିନୀ ରମେ ବେଶି । ୪ ।
ଅମାବାସ୍ୟା ପୂର୍ଣ୍ଣିମା ଯେ ଦଶମୀ,
ଏଥେ ହସ୍ତିନୀନାଂଙ୍କ ବେଶୀ କାମୀ । ୫ ।
ଏହି ତିଥିରେ ପାଇଲେ ରସିକ,
ରତେ ରସି ମଣଇ ସ୍ୱର୍ଗସୁଖ । ୬ ।
କାନ୍ତୁ ନାଗର ଏ ରସପାରଙ୍କ,
ଚନ୍ଦ୍ର ସ୍ଥାନ ଚିହ୍ନି ଗୁଳ ପରଖ । ୭ ।
ଦେହେଁ ଯେତେ ସ୍ଥାନରେ ବାସ କରେ,
ତାହା ବୁଝାଇ କହିବା ଠିକରେ । ୮ ।
ଶିର ଅଧର କଣ୍ଠ କପାଳରେ,
ନେତ୍ରେ କର୍ଣ୍ଣେ ଉରେ ନାଭିସ୍ଥଳରେ । ୯ ।
ଅଭ୍ର ଉରଜ ଜଘନ ଅଙ୍ଗୁଳି,
ପଦ ଅଗ୍ରେ ଜାନୁରେ ଗୁଲ୍ଫେ ମିଳି । ୧୦ ।
ଏତେ ସ୍ଥାନେ ବାସ କରଇ ଶଶୀ,
ଅନୁରାଗୀ ହିତେ ଗୀତେ ପ୍ରକାଶି । ୧୧ ।
ଚନ୍ଦ୍ରଗୁଳକ ଏ ଶ୍ରୀ ଅସ୍ପଜ୍ଞାନ,
ଦୋଷାଦୋଷ ନ ଧରବ ସୁଜନ । ୧୨ ।
ଠିକେ ନାୟିକା ଶୁଣି ହେଲ ବୋଧ,
ଶେଷ କର ନୋହେ ପ୍ରୀତି ଅଗାଧ । ୧୩ ।

Digitized by srujanika@gmail.com

ସେହି ଶାରଦା ମାତାଙ୍କ ଚରଣ,
ଚିନ୍ତା କର ପଶିବାକୁ ଶରଣ । ୧୪ ।
ଯେଣୁ ସେ ନାମ ହୃଦେ କଲି ପାଣୁ,
ତେଣୁ ଲଭଛୁ ଏ ପଦ୍ୟ ଯଧୂଷ୍ଟି । ୧୫ ।
କିଲ୍ଲା ଅଷ୍ଟଦୁର୍ଗ କଲ୍ଲ କଟକ,
ମଉଜା ବଲରାମ ପୁର ଟେକ । ୧୬ ।
ବେଣ୍ଣ ଜନ୍ମା ଆନନ୍ଦ ମୋର ତାତ,
ମୁହିଁ ଅଟଇ ତାଙ୍କ ଜ୍ୟେଷ୍ଠ ସୁତ । ୧୭ ।
ମାତୃହୀନା ହୋଇ ବାଲକାଳରୁ,
ପରଦେଶେ ବୁଲେ କର୍ମଫଳରୁ । ୧୮ ।
ଅବଜନରେ ନାହିଁ ମୋ ଠିକଣା,
ପର ପୋଷି ଘରେ ସହେ ଗଞ୍ଜଣା । ୧୯ ।
କ୍ଷମା ମାଗୁଅଛୁ କ୍ଷମାନିଧିଙ୍କି,
ଦୁଃଖ ଖଣ୍ଡି ଦିଅ ସଦ୍‌ବୁଦ୍ଧିକି । ୨୦ ।

ସମାପ୍ତ

କଟକ ଦତ୍ତପ୍ରେସରେ ଶ୍ରୀ ହରମୋହନ ଦତ୍ତଙ୍କଦ୍ୱାରା
ମେଦିନୀଯନ୍ତ୍ରେ ମୁଦ୍ରିତ । ୧୯[illegible]

Digitized by srujanika@gmail.com

ବିଜ୍ଞାପନ

ନିମ୍ନଲିଖିତ ପୁସ୍ତକମାନ ଉକ୍ତଠିକଣାରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

ସଙ୍ଗୀତ ସୁଲକ୍ଷଣା	ଟ ୦ ୶	ଏକାମ୍ର କୋକିଳ	ଟ ୦ ୶୬
କଲିକତା ସଙ୍ଗୀତ	ଟ ୦ ୵୩	କରୁଣାକର ୩୪ଶା	ଟ ୦ ୧୬
ଉପେନ୍ଦ୍ରଭଞ୍ଜ ସଙ୍ଗୀତ	ଟ ୦ ୵	ହନୁମାନ ୩୪ ଶା	ଟ ୦ ୧୯
ମନୋହର ଭଜନ	ଟ ୦ ୷	ମନବୋଧ ୩୦ ଶା	ଟ ୦ ୧୬
ଲକ୍ଷ୍ମୀ ପୁରାଣ	ଟ ୦ ୶	କଲିକତା ୩୪ ଶା	ଟ ୦ ୧୬
ରାସକ୍ରୀଡ଼ା	ଟ ୦ ୵୬	ସଙ୍ଗୀତ ସୁନାଫୁଲ	ଟ ୦ ୷୬
ଗୁଣକ୍ୟ ଶ୍ଲୋକ	ଟ ୦ ୶	ଶ୍ରୀକୃଷ୍ଣ ୧୦୮ନାମ	ଟ ୦ ୧୬
ବିବାହ ପଦ୍ୟାବଳୀ	ଟ ୦ ୶	ନଷ୍ଟଚୈତ୍ରସ୍ତ	ଟ ୦ ୧୯
କପଟପାଶା	ଟ ୦ ୵୬	ଅବଢସାଣି	ଟ ୦ ୧୯
କମଳାକାନ୍ତଚଉତିଶା	ଟ ୦ ୵୩	ଅସତ ଧ୍ୱଂସନ	ଟ ୦ ୵
ବାଣାସୁର ବଧ ପ୍ରସଙ୍ଗ	ଟ ୦ ୶୬	ଅଲଗୁଜା ଶୋକ	ଟ ୦ ୧୯
ଗୋବିନ୍ଦ ବଧ ପ୍ରସଙ୍ଗ	ଟ ୦ ୷	ଉମା ଭୂମା ଶୋକ	ଟ ୦ ୧୯
ଲକ୍ଷ୍ମଣକୁମର ପାଲା	ଟ ୦ ୵୬	ସିନାଥମେଳା	ଟ ୦ ୵
ଡ଼ଗ ମାଳିକା	ଟ ୦ ୵	ଗୋପବନ୍ଧୁ ଶୋକ	ଟ ୦ ୵
ଅଖଣ୍ଡଲମଣି ଜଣାଣ	ଟ ୦ ୵	ବଙ୍ଗୋକ୍ତି ୧ମ	ଟ ୦ ୵
ଅଙ୍ଗଦପଡ଼ି	ଟ ୦ ୶	ବିଲଙ୍କା ରାମାୟଣ	ଟ ୦ ୳
ଶାରଳା ମଙ୍ଗଳା ସ୍ତୁତି	ଟ ୦ ୵	ପ୍ରଭାତ ଅବକାଶ	ଟ ୦ ୵
ହର ଅର୍ଜୁନ ୩୪ ଶା	ଟ ୦ ୧୯	ଅମର କୁମୁର	ଟ ୦ ୪
ଗଜସ୍ତୁତି	ଟ ୦ ୧୯	ପଞ୍ଚାନନ ମେଳା	ଟ ୦ ୵୩
ତ୍ରୟୋଦଶସ୍ତବ	ଟ ୦ ୷	ରଙ୍ଗବତୀ ବାଦ	ଟ ୦ ୵

ନଂ ୩, ପ୍ରେମଚାନ୍ଦ ବରାଲ ଷ୍ଟ୍ରୀଟ,
ପୋ: ଅ: ବହୁବଜାର
କଲିକତା ।

ଶ୍ରୀମାଧବାନନ୍ଦ ଧଳ
ମହାଲକ୍ଷ୍ମୀ ଭଣ୍ଡାର

Digitized by srujanika@gmail.com